# CS (MAIN) EXAM, 2010

Sl. No. 364

A-DTN-K-JM-15

# ORIYA

## (Compulsory)

*Time Allowed : Three Hours*

*Maximum Marks : 300*

### INSTRUCTIONS

*Candidates should attempt **ALL** questions.*
*The number of marks carried by each question is indicated at the end of the question.*
*Answers must be written in **Oriya**, unless otherwise directed.*
*In the case of Question No. 3, marks will be deducted if the précis is much longer or shorter than the prescribed length.*
*Précis must be written only on the special précis sheet provided.*

---

**1.** ନିମ୍ନୋକ୍ତ ଗୋଟିଏ ବିଷୟରେ ପ୍ରାୟ ୩୦୦ ଶବ୍ଦ ମଧ୍ୟରେ ଏକ ପ୍ରବନ୍ଧ ଲେଖ : **100**

(i) ନିୟମ କାନୁନ୍ ସମ୍ମାନରକ୍ଷାରେ ସହାୟକ କି ?

(ii) ଭେଜାଲ ଖାଦ୍ୟପଦାର୍ଥର କୁପ୍ରଭାବ ।

(iii) ଅଧ୍ୟାତ୍ମ୍ୟବାଦ ବନାମ ହେତୁବାଦ ।

(iv) ଶିକ୍ଷା ଏବଂ ସାମାଜିକ ପରିବର୍ତ୍ତନ ।

(v) ନିର୍ମଳ ଓ ନ୍ୟାୟପୂର୍ଣ୍ଣ ପ୍ରଶାସନ ଦେବାରେ ସୂଚନା-ଅଧିକାର ନିୟମ ସହାୟ ହେବ କି ?

(Contd.)

2. ଯତ୍ନର ସହିତ ନିମ୍ନ ପରିଚ୍ଛେଦଟି ପାଠ କର ଏବଂ ଶେଷରେ ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ନିଜ ଭାଷାରେ ଦିଅ : 6×10=60

ସୌରଶକ୍ତି, ଶକ୍ତି କ୍ଷେତ୍ରର ଏକ ନବୀକରଣ । ଏହା ଏକମାତ୍ର ସମ୍ବଳ, ଯାହାକି ଆମର ଖଣିଜ ଇନ୍ଧନ ବ୍ୟବହାରକୁ କମାଇଥାଏ । ଏହି ଖଣିଜ ଇନ୍ଧନ କିଛିଦିନ ପରେ ବିରଳ, ଦୁର୍ଲଭ ଏବଂ ବ୍ୟୟ-ବହୁଳ ମଧ ହେବ । ସୌରଶକ୍ତିର ଉପଯୋଗ କରି ପୃଥିବୀର ଗ୍ରହ ଓ ପ୍ରାଣୀଜଗତ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହିତ 'ଗ୍ରୀନ୍ ହାଉସ୍' ନିର୍ମାଣ ସନ୍ତୁଳନରୁ ମଧ ରକ୍ଷା ମିଳି ପାରିବ । ସୌରଶକ୍ତିର ବିଭିନ୍ନ ପର୍ଯ୍ୟାୟର ବ୍ୟବହାର ସତ୍ତ୍ୱେ ଏହା ବହୁଳଭାବରେ ପ୍ରସାର ହୋଇ ପାରିନାହିଁ, ଏବଂ ଖଣିଜ ଇନ୍ଧନ ପରିବର୍ତ୍ତେ ଏହା ବିକଳ୍ପ ରୂପେ ଗ୍ରହଣୀୟ ହୋଇ ପାରିନାହିଁ । ଏହାର କାରଣ ହେଉଛି, ବୈଷୟିକ ଜ୍ଞାନ ପାଇଁ ପ୍ରଚୁର ଅର୍ଥ ବିନିଯୋଗ କରିବାକୁ ପଡ଼ିଥାଏ । ତଥାପି ପ୍ରତ୍ୟେକ ବର୍ଷ ଏହାର ଜ୍ଞାନ କୌଶଳରେ ଅପେକ୍ଷାକୃତ ଅଗ୍ରଗତି ପରିଲକ୍ଷିତ ହେଉଛି । ଫଳରେ ଏଥିଲାଗି ଅର୍ଥ ବିନିଯୋଗର ହ୍ରାସ ସହ ଏହାକୁ ବିକଳ୍ପ ବ୍ୟବହାର୍ଯ୍ୟ ରୂପେ ଗ୍ରହଣ କରିବା ଲାଗି ଚେଷ୍ଟା ଚାଲିଛି । ସରକାରଙ୍କ ଦ୍ୱାରା ଜବାହାରଲାଲ ନେହେରୁ ଜାତୀୟ ସୌରଶକ୍ତି ମିଶନ୍ ଏ ଦିଗରେ ନେଇଥିବା ପଦକ୍ଷେପ ଅତ୍ୟନ୍ତ ଉତ୍କୃଷ୍ଟ ଓ ଯୁଗୋପଯୋଗୀ ।

ସୌରଶକ୍ତି କ୍ଷେତ୍ର, ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ଅଗ୍ରଗାମୀ । ଏହି କ୍ଷେତ୍ର ବର୍ତ୍ତମାନ ଗବେଷଣା ସହ, ପ୍ରଯୁକ୍ତିଜ୍ଞାନର ଉଦ୍ଭାବନ ମାଧ୍ୟମରେ ଉଚ୍ଚତର ପଦବୀ ସୃଷ୍ଟି କରୁଛି; ଯେଉଁଥିରେ କି ଉଚ୍ଚତର ଜ୍ଞାନ ଥିବା ଯୁବସମାଜ ନିଯୁକ୍ତି ପାଇ ପାରିବେ ।

ଯଦିଓ ଭାରତ ପୃଥିବୀର ଷଷ୍ଠ ଶକ୍ତି ରାଷ୍ଟ୍ର ରୂପେ ପରିଗଣିତ, ତଥାପି ଏଠାରେ ବିପୁଳ ଶକ୍ତିର ଅଭାବ ପରିଲକ୍ଷିତ । ସୌରଶକ୍ତିର ବିନିଯୋଗ କେତେକାଂଶରେ ତାହା ଦୂର କରି ପାରିଛି । ବର୍ତ୍ତମାନ

ଏହା ସମ୍ପୂର୍ଣ୍ଣଭାବରେ ଚମକପ୍ରଦ ରୂପେ ସୌର ଉତ୍ପାଦନ କ୍ଷେତ୍ର ଆବଶ୍ୟକ କରୁଛି । ଏଥିପାଇଁ ଦରକାର ସୌରଶକ୍ତିର ସଶକ୍ତିକରଣ ନକ୍ସା । ଏହି ଶିଳ୍ପର ଉନ୍ନତି ଲାଗି ପ୍ରଚେଷ୍ଟା, କାର୍ଯ୍ୟଦକ୍ଷତା, କୌଶଳ ସହ ଉତ୍ପାଦନର ମୂଲ୍ୟହ୍ରାସ ଏକାନ୍ତ ଆବଶ୍ୟକ ।

(i) ଆମେ ଆମର ଖଣିଜ ଇନ୍ଧନ ଉପରୁ ଭରସା କମାଇବା କାହିଁକି ?

(ii) ସୌରଶକ୍ତିର ବ୍ୟବହାରରେ ଆମର ଲାଭ କ'ଣ ?

(iii) ବର୍ତ୍ତମାନ ସୁଦ୍ଧା ସୌରଶକ୍ତିର ବ୍ୟବହାର ଜନପ୍ରିୟ ହୋଇପାରି ନାହିଁ କାହିଁକି ?

(iv) ସାଧାରଣ ଲୋକଙ୍କ ପାଖରେ ସୌରଶକ୍ତିକୁ ପହଞ୍ଚାଇବା ପାଇଁ କ'ଣ କରିବା ଦରକାର ?

(v) ବର୍ତ୍ତମାନ ଯୁବ ସମାଜକୁ ଅତି ଉନ୍ନତମାନର କର୍ମ ଯୋଗାଣ କ୍ଷେତ୍ରରେ ସୌର-କ୍ଷେତ୍ର କ'ଣ କରି ପାରିବ ?

(vi) କେଉଁ ଉପାୟରେ ସୌରଶକ୍ତି କମ୍ ଖର୍ଚ୍ଚରେ ନିର୍ମାଣ କରାଯାଇ ପାରିବ ?

**3.** ନିମ୍ନ ପରିଚ୍ଛେଦର ସଂକ୍ଷିପ୍ତ ସାର ନିଜ ତୃତୀୟାଂଶ ଶବ୍ଦରେ ଲେଖ । କୌଣସି ଶିରୋନାମା ଦେବାର ଆବଶ୍ୟକତା ନାହିଁ । ନିର୍ଦ୍ଧାରିତ ସଂଖ୍ୟକ ଶବ୍ଦରେ ନ ଲେଖିଲେ ମୂଲ୍ୟାଙ୍କ ବିଯୁକ୍ତ ହେବ । ସଂକ୍ଷିପ୍ତ ସାରଟିକୁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ପୃଷ୍ଠାରେ ଲେଖିବାକୁ ପଡ଼ିବ ଏବଂ ସେହି ପୃଷ୍ଠା ଯେପରି ନିଶ୍ଚିତ ଭାବେ ପରୀକ୍ଷା ଖାତାରେ ସଂଯୁକ୍ତ ହୁଏ, ଦୃଷ୍ଟି ଦେବାକୁ ହେବ । 60

କଳା ଯଦି ଗୋଟିଏ ଯୁଗର ଅଭିବ୍ୟକ୍ତି ହୁଏ, ତେବେ ସେହି କଳା ମାଧ୍ୟମରେ ଅତୀତ ଯୁଗର ପୁରୁଣା କାଳ୍ପନିକ ଓ ମାନସିକ ସ୍ତରର ଭାବ ପ୍ରକଟିତ ହୋଇଥାଏ । ଜୀବନ ହେଉଛି ଏକ ପ୍ରବହମାନ ଧାର । ଏହାର ଗତି ପ୍ରାକୃତିକ ପରିବର୍ତ୍ତନ ମଧ୍ୟରେ ତ୍ୱରାନ୍ୱିତ ହୋଇଥାଏ; ଯେତେବେଳେ କି ପରିବର୍ତ୍ତନ ଅତି ଦ୍ରୁତ ଏବଂ

ସ୍ୱାଭାବିକ । ଏହିପରି ଏକ ସମୟରେ ସାମାଜିକ ଆବଶ୍ୟକତା ଦୃଷ୍ଟିରୁ ସଂସ୍କୃତିର ଉନ୍ନତ ପ୍ରବୃତ୍ତି ଉପରେ ଗୁରୁତ୍ୱ ଦିଆଗଲା । କାରଣ ସମାଜରେ ପୁରୁଣା ଭାବଧାରାକୁ ଦୂର ନ କଲେ, ନୂତନ ଭାବକୁ ଗ୍ରହଣ କରାଯାଇ ପାରିବ ନାହିଁ । କାରଣ ଉଭୟ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ । ଯେଉଁମାନେ ପୁରୁଣା ସଂସ୍କୃତିର ମୁଖ୍ୟ, ସେମାନେ ନୂତନ ଭାବଧାରାକୁ ଗ୍ରହଣ କରୁ ନ ଥିଲେ; ଯଦିଓ ଭୟ ଓ ହତାଶା ମଧ୍ୟରେ ଘୋଷଣା କରୁଥିଲେ ଯେ, ସେମାନେ ହେଉଛନ୍ତି ନୈତିକତା ତଥା ସଭ୍ୟତାର ଅଭିଭାବକ । ଏଣୁ ନୂତନ କରି ଆସୁଥିବା ନୂତନ ପ୍ରବାହର ମଧ୍ୟ ଶକ୍ତଦଣ୍ଡ ।

ପ୍ରତ୍ୟେକ କ୍ଷେତ୍ରରେ ସାମାଜିକ ପରିବର୍ତ୍ତନ ଆହ୍ୱାନ ଦେଇଥାଏ ତାର ସାଂସ୍କୃତିକ ଦୃଷ୍ଟିଭଙ୍ଗୀ ଏବଂ ନିଜର ସ୍ୱାତନ୍ତ୍ର୍ୟ ଲାଗି । ଏପରି ସ୍ଥଳରେ ପୁରୁଣା ସଂସ୍କୃତି ମଧ୍ୟରେ ନୂତନଭାବକୁ ଗ୍ରହଣ କରିବା ସମୟସାପେକ୍ଷ । ତେଣୁ ସେମାନଙ୍କର ମାର୍ଗ ସମୁଚିତ ନୁହେଁ । ଯେତେବେଳେ ଏକ ନୂତନ ଶକ୍ତି ପ୍ରଗତିଶୀଳ, ଚଳଚଞ୍ଚଳ, ସେତେବେଳେ ନୂତନ ସମାଜ, କଳାକାରଙ୍କୁ ନୂତନ ସଂସ୍କୃତି ଓ ବିଜ୍ଞାନର ବିକାଶ ଲାଗି ସମୁଚିତ ମାର୍ଗ ଦର୍ଶାଇବା ଉଚିତ ।

ବର୍ତ୍ତମାନ ସମୟରେ ଜୀବନର ସମନ୍ୱୟ ଭାଙ୍ଗି ଯାଇଛି ଏହି ବିଶୃଙ୍ଖଳିତ ସମାଜଦ୍ୱାରା; ଯେଉଁଥିରେ ପ୍ରତ୍ୟେକ କାର୍ଯ୍ୟ ବିଚ୍ଛିନ୍ନ ହୋଇ ପଡ଼ିଛି ପ୍ରତ୍ୟେକଙ୍କ ଠାରୁ, ଦାର୍ଶନିକଙ୍କ ଠାରୁ ବୈଜ୍ଞାନିକଙ୍କ ପର୍ଯ୍ୟନ୍ତ, କଳାକାରଙ୍କ ଠାରୁ ଇଞ୍ଜିନିୟରଙ୍କ ପର୍ଯ୍ୟନ୍ତ । ପ୍ରତ୍ୟେକ ପ୍ରତ୍ୟେକଙ୍କ ଠାରୁ ଭିନ୍ନ, ସ୍ୱତନ୍ତ୍ର । ମହାନ୍ ସମ୍ପଦର ଅବିଭକ୍ତ ଜୀବନ ଆଜି ଅଲଗା ହୋଇ ପଡ଼ିଛି । ଏହିପରି ସମୟରେ ଯନ୍ତ୍ରର ଗୁରୁତ୍ୱ ବଢ଼ି ଚାଲିଛି । ପୃଥିବୀପୃଷ୍ଠରେ ଏହାର ଆବଶ୍ୟକତାରେ ମଧ୍ୟ ଗୁରୁତ୍ୱ ଆରୋପିତ ହୋଇଛି । ବର୍ତ୍ତମାନ ସମୟରେ ଯନ୍ତ୍ର ବା ମେସିନ୍

ମଣିଷର ଅତି ଦରକାରୀ ହୋଇ ପଡ଼ିଛି । କେବଳ ମଣିଷ କାହିଁକି ପ୍ରକୃତି ଉପରେ ଯନ୍ତ୍ରର ଆଧିପତ୍ୟ ପାଇଁ ଚାଲିଛି ସଂଘର୍ଷ । ଏହି ସଂଘର୍ଷ ସ୍ୱତନ୍ତ୍ର – ଏହା ବିଭିନ୍ନ ଲୟ, ସଂଗୀତ ଓ ରଙ୍ଗରେ ପରିପୂର୍ଣ୍ଣ ।

ଯଦି ମଣିଷ ତାର ଦୁର୍ବଳତାରୁ ଯନ୍ତ୍ର ବା ମେସିନ୍‌କୁ ତାର ମାଷ୍ଟର ବୋଲି ଗ୍ରହଣ କରେ ତେବେ ଏହା ମେସିନ୍‌ର ଦୋଷ ନୁହେଁ, ଯାହାକି ମଣିଷଦ୍ୱାରା ସୃଷ୍ଟ; ତାର ସ୍ଥିତି ଏବଂ ଧ୍ୱଂସ ମଧ ମଣିଷଦ୍ୱାରା । ଯନ୍ତ୍ର ଆଜି ମଣିଷକୁ ଗ୍ରାସ କରିବାକୁ ଉଦ୍ୟତ । ରେଡ଼ିଓ କେବଳ ମଣିଷର ବାୟୁକୋଷର ସଂପ୍ରସାରଣ, ଟେଲିଫୋନ୍ କେବଳ ମନୋଯୋଗୀ ହୋଇ କହିବା ଶୁଣିବା ପାଇଁ ନିୟୋଜିତ । ଉଡ଼ାଜାହାଜ ପ୍ରତି ଭ୍ରୂକୁଞ୍ଚନ କରି କଟ୍‌କଟ୍ କରୁଥିବା ଗ୍ରାମୀଣ ଶଗଡ଼ ଗାଡ଼ି ଆଜି କବିର ବିଷୟବସ୍ତୁ ନୁହେଁ । ଏହା ନିରୋଳା ରକ୍ଷଣଶୀଳ ଧର୍ମାନ୍ଧତାର ଏକ ସାଂପ୍ରତିକ ଚେତନା । ଅତୀତରେ ହଳ ଏକ ଯୁଗାନ୍ତକାରୀ ଉଦ୍ଭାବନ ଥିଲା, ଯେପରିକି ଆଜିର ଟ୍ରାକ୍ଟର୍ । ଏଣୁ ନୂତନ ଉପକରଣ ଗଠନ ଲାଗି ମଣିଷର ଅସରନ୍ତି ପ୍ରତିଭାକୁ ଉପେକ୍ଷା କରିବା, ସାମାଜିକ ପରିବର୍ତ୍ତନ, ନିୟମକୁ ଉପେକ୍ଷା କରିବା କୌଣସି ବିଶିଷ୍ଟ କଳାକାର ସମର୍ଥନ କରେ ନାହିଁ । ''ଏକ କଳାକାର ଜୈବିକ ପ୍ରୟୋଜନଠାରୁ ଅଧିକ ସୃଷ୍ଟି କରିଥାଏ'', ଏହା ପ୍ରଖ୍ୟାତ ମେକ୍ସିକୋବାସୀ କଳାକାର ରିଭେରା ଦିୟଗୋଙ୍କ ଉକ୍ତି, ''ଯେପରି ଏକ ବୃକ୍ଷ ଫୁଲ ଓ ଫଳ ସୃଷ୍ଟି କରିଥାଏ, ଏବଂ ପ୍ରତି ବର୍ଷ ସେ ସବୁର ବୃନ୍ତଚ୍ୟୁତିରେ ଯେପରି ଶୋକ କରି ନ ଥାଏ, ଯେପରି ସେ ଭାବିଥାଏ ଯେ, ଆସନ୍ତା ଋତୁରେ ସେ ପୁଣି ଫୁଲ ଫଳ ଭରା ହୋଇ ପାରିବ'' । ସେହିପରି କଳା କେବଳ ବର୍ତ୍ତମାନର ସ୍ଥିତି ଉପରେ ଗୁରୁତ୍ୱ ନ ଦେଇ ତାହା କ'ଣ ହୋଇପାରେ ଏବଂ ଦୋଷ ଉପରେ ଗୁରୁତ୍ୱ ନ ଦେଇ ଆଶା, ଆକାଂକ୍ଷା, ସମ୍ଭାବନା ଉପରେ ପ୍ରତିଷ୍ଠିତ ହେବା ଦରକାର ।

4. ନିମ୍ନ ପରିଚ୍ଛେଦ ଓଡ଼ିଆରେ ଅନୁବାଦ କର : 20

The world does not need extraordinarily talented people. It does not need highly skilled people either. It has plenty of super-intelligent people. We need ordinary people with extraordinary motivation. M K Gandhi was an ordinary man with amazing motivation to establish truth and justice. The Wright brothers were ordinary people with a dream of flying.

You can also achieve exceptional results if you are inspired with a higher ideal. Replacing 'inspiration' with 'information' has led to knowledge being viewed as drudgery rather than as pleasure. Education has degenerated to data being transmitted from teacher to the taught without igniting the minds of the young with a higher purpose.

How many of us wake up inspired, looking forward to a day of service ? Who among us finds exhilaration in contributing to society ? Life changes magically from boredom to excitement when you are inspired to serve. You redefine norms and achieve the impossible, paving the way to outstanding success. You find happiness at work, not in escaping from it. Most importantly, you evolve spiritually and attain Godhood.

Inspiration gives ordinary people the courage and hope to make life better for themselves and for the posterity. Find inspiration and life will transform into an exciting adventure of self-discovery.

5. ନିମ୍ନ ପରିଚ୍ଛେଦକୁ ଇଂରାଜୀରେ ଅନୁବାଦ କର : 20

ଆଜି କହିବାକୁ ଗଲେ ବିଜ୍ଞାନ ମଧ୍ୟରେ ସମାଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିହିତ । ଏପରି କୁହାଯାଇ ପାରେ ଯେ, ଏହାକୁ ବର୍ତ୍ତମାନର ଯୁବ ସମାଜ ସହଜରେ ଗ୍ରହଣ କରିପାରିବେ କିନ୍ତୁ ପରିଣତ ବୟସର ଲୋକମାନେ ବୁଝିବା କଷ୍ଟକର । ଏହାର କାରଣ, ଯୁବ ସମାଜ ବହୁ ବର୍ଷର ବ୍ୟବଧାନକୁ ହ୍ରାସ କରିବା ସହିତ କଳ୍ପନା କରିପାରେ । କଳ୍ପନା ହେଉଛି ବିଜ୍ଞାନର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏହା ସାଧାରଣତଃ ଯୁବସମାଜ ନିକଟରେ ପ୍ରତିଭାତ ହୋଇଥାଏ । ଏହା ଏକ ବିଶିଷ୍ଟ ଗୁଣ, ଯାହାକି ଦୁଃଖରାଶିକୁ ହରଣ କରି ଥାଏ । ଏହା ଏକାନ୍ତଭାବରେ ଆଜିର ଦୁନିଆରେ ଦରକାର, ଯାହାଦ୍ୱାରା ଅଶାନ୍ତ ପୃଥିବୀ ଶାନ୍ତ ହୋଇ ପାରିବ ।

ବିଗତ ତିନି ଶତାବ୍ଦୀ ଧରି ବିଜ୍ଞାନ ସମାଜ ଉପରେ ବିଶେଷ ପ୍ରଭାବ ବିସ୍ତାର କରି ପାରିଛି । କିନ୍ତୁ ଏଥିପ୍ରତି ଜନସମାଜ ସେତେ ସଚେତନ ନୁହନ୍ତି । ପୃଥିବୀ ଯେ କେତେ କ୍ଷତିଗ୍ରସ୍ତ ହେଉଛି ସେଥିପ୍ରତି ସେମାନଙ୍କର ଆଦୌ ଭ୍ରୂକ୍ଷେପ ନ ଥାଏ । ନିଉଟନ୍‌ଙ୍କ ସମୟଠାରୁ ମଣିଷ ଚିନ୍ତା କରଛି ଯେ, ଚିନ୍ତା ବା ଭାବନା ହେଉଛି ବିଜ୍ଞାନସମ୍ମତ । ବିଜ୍ଞାନ ମାଧ୍ୟମରେ ସାମୟିକ ସୁଖ ସୁବିଧା ମିଳିପାରେ । ତାପରେ ମଣିଷ ଚିନ୍ତା କଲା ଯେ, ବିଜ୍ଞାନ ମାଧ୍ୟମରେ ଔଷଧ ପ୍ରୟୋଗ କରି ସେ ବହୁଦିନ ବଞ୍ଚିପାରିବ ।

ଲିଓନାର୍ଦୋ ଦ ଭିନ୍‌ସିଙ୍କ ସମୟରୁ ମଣିଷ ବିଜ୍ଞାନର ଗୁଣଗାନ କରିଛି କେବଳ ଯୁଦ୍ଧରେ ଜୟଯୁକ୍ତ ହେବା ପାଇଁ । ବହୁ ବର୍ଷ ବିତି ଯାଇଛି । ଏହା ମଧ୍ୟରେ ପ୍ରଯୁକ୍ତିବିଦ୍ୟା ଓ ଜଡ଼ବାଦ ବିକଶିତ ହୋଇଛି । କିନ୍ତୁ ଆଜି ଶତ ମୁଖରେ ଜୋର ଦେଇ ଆହ୍ୱାନ ଆସିଛି ନୂତନ ପ୍ରଯୁକ୍ତିଜ୍ଞାନର ବିକଶିତ ରୂପରେ ମଣିଷ ଆଜି ବୈଜ୍ଞାନିକ ହେଉ, ପ୍ରଯୁକ୍ତିବିଦ୍ୟା ବିଶାରଦ ହେଉ ।

6. (a) ବିଶେଷ ଅର୍ଥ ଲେଖି ପାଞ୍ଚଟିକୁ ବାକ୍ୟରେ ପ୍ରୟୋଗ କର : 5×2=10

(i) ଅନ୍ଧ ବୁଝାବଣା

(ii) ଅରଣ୍ୟ ରୋଦନ

(iii) ଆକାଶ କୁସୁମ

(iv) କପାଳ ଫାଟିବା

(v) ଗଜମୂର୍ଖ

(vi) ଢୋଲ ଭିତରେ ମୂଷା

(vii) ତିଳକୁ ତାଳ କରିବା

(b) ପାଞ୍ଚଯୋଡ଼ା ସମୋଚ୍ଚାରିତ ଶବ୍ଦର ଅର୍ଥ ଲେଖ : 5×1=5

(i) ଅଂଶ — ଅଂସ

(ii) ଅମ୍ବର — ଅମ୍ବର

(iii) ଅଶୀ — ଅସି

(iv) ଚିର — ଚୀର

(v) ଚୂଡ଼ା — ଚୂଡ଼ା

(vi) ତରଣି — ତରଣୀ

(vii) ପିତା — ପିତା

(c) ପାଞ୍ଚଟି ଶବ୍ଦର ପ୍ରତ୍ୟୟ ଲେଖି 'କୃଦନ୍ତ' ବା 'ତଦ୍ଧିତ' ପଦ ଚିହ୍ନାଅ : 5×1=5

(i) ଦେଖଣା

(ii) ନିନ୍ଦୁକ

(iii) ଖଟଣି

(iv) ସରୁଆ

(v) ଠକାମି

(vi) ଗାଈଆଳ

(vii) ଭାରତୀୟ

(d) ପାଞ୍ଚଟି ଶବ୍ଦର ଭ୍ରମ ସଂଶୋଧନ କର : 5×1=5

(i) ଅନାଟନ

(ii) ଅମୀୟ

(iii) ଚାକିରୀ

(iv) ଧୂମ୍ରପାନ

(v) ପ୍ରଚୁର

(vi) ମନଦୁଃଖ

(vii) ତୃପ୍ତୀ

(e) ପାଞ୍ଚଟିର ଏକପଦୀକରଣ କର : 5×1=5

(i) ପାନ କରିବାକୁ ଇଚ୍ଛା କରେ ଯେ

(ii) ଗ୍ରହଣ କରେ ଯେ

(iii) ଆଗରେ ଜନ୍ମିଅଛି ଯେ

(iv) ତ୍ୟାଗ କରିବାକୁ ଇଚ୍ଛା

(v) ମେଧା ଅଛି ଯାହାର

(vi) ବିଜ୍ଞାନ ଶାସ୍ତ୍ରରେ ନିପୁଣ

(vii) ଜାତ ହୋଇ ନାହିଁ ଶତ୍ରୁ ଯାହାର

(f) ପାଞ୍ଚଟିର ବିପରୀତାର୍ଥ ଶବ୍ଦ ଲେଖ : 5×1=5

(i) ଅନୁରାଗ

(ii) ଅସୀମ

(iii) ଆକାଶ

(iv) କୁତ୍ସିତ

(v) ନୂତନ

(vi) ପୁରସ୍କାର

(vii) ସରଳ

(g) ବିଶେଷ୍ୟକୁ ବିଶେଷଣ ଓ ବିଶେଷଣକୁ ବିଶେଷ୍ୟରେ ପରିଣତ କର (ପାଞ୍ଚଟିର) : 5×1=5

(i) ଆଗମନ

(ii) ଉତ୍ପତ୍ତି

(iii) ଗଙ୍ଗା

(iv) ପଥର

(v) ପାର୍ଥିବ

(vi) ବାର୍ଷିକ

(vii) ସାଧୁତା